## ଦୁର୍ଯ୍ୟୋଧନର ଅପମାନ ଓ ପାଷାଣ ଗୃହ ନିର୍ମାଣ

ୟେସନେକ ବୁଦ୍ଧି ଯହୁଂ କହିଲେ ଅଚ୍ୟୁତ
ଅନୁକ୍ଷଣେ ଭୀମସେନ ଘୋଷି ବୋଲଇ ଗୋଲକପୁତ୍ର, ଗୋଲକ ପୁତ୍ର ।୧ ।
କହିଂଣ ନାରାୟଣ ଗଲେ ଅନ୍ତର୍ଧାନେ
ଗୋଲକପୁତ୍ର, ଗୋଲକ ପୁତ୍ର ବୋଲଇ ସ୍ନାହାନ ଭୋଜନେ ।୨ ।
ଅନ୍ନ ଗୁଡାୟେ ଭୁଞ୍ଜଇ ମହା ରୋଷେ
ଗୋଲକ ପୁତ୍ର, ଗୋଲକ ପୁତ୍ର ବୋଇଲ ହରଷେ ।୩ ।
ଆଞ୍ଚୋବନ ସାରି ଶୟନ ଥାନେ ବିଜେ
ଗୋଲକ ପୁତ୍ର, ଗୋଲକ ପୁତ୍ର ବୋଲି ମନେ ମନେ ହେଜେ ।୪ ।
ରାତ୍ର ଯହୁଂ ହୋଇଲା ତିନି ପହର ଯେ ଆସି
ପାହାନ୍ତି କି ନିଦ୍ରା ଘାରିଲା ପବନର ଶିଷି ।୫ ।
ତତକ୍ଷଣେ ପାଶୋରିଲା ପାଣ୍ଡବ ସୁନ୍ଦର
ଉଠି ତଉକତି ଦରାଣ୍ଡଇ ଶୟନ ମନ୍ଦିର ।୬ ।
ହା ହା ପଦ ଗୋଟି ଗଲା ମୋର କେଉଣ କତି
ଲୋତନ୍ତେ ସହଦେବଙ୍କୁ ହାବୋଡିଲା ଯାଇଂ ଝାଡି ।୭ ।
ୟେ କେ ଟି ବୋଲି ଯେ ଉଠି ବସିଲା ସହଦେବ
ଭୀମସେନ ବୋଲଇ କେଉଣ ନାମ ଗୋଟି କହିଲେ ବାସୁଦେବ ।୮ ।
ସହଦେବ ବୋଇଲେ ସେ ଗୋଲକ ପୁତ୍ର ବୋଲି
ନିସ୍ତରିଲି ନିସ୍ତରିଲି ବାବୁରେ ହରାଇଲାର ପାଇଲି ।୯ ।
ଗୋଲକ ପୁତ୍ର ଗୋଲକ ପୁତ୍ର ବୋଲୁଅଛି ମନେ ମନେ
ରୟଣୀ ପାହିଲା ଉଠିଲା ଭୀମସେନେ ।୧୦ ।

-----------------------------

୧୮୩ ।୨ ସଭାରେ ଲଜ୍ଜା ପାଇ ସେ ଯାଇ ସିଲା ଉଠି ।
୪ ।୨ ହେଜେ ସ୍ଥାନରେ ଭଜେ ପାଠ ଅଛି ।

ବହନ ସ୍ନାହାନ ସାରିଲା ହରଷେ
ଗୋଲକ ପୁତ୍ର, ଗୋଲକ ପୁତ୍ର ହୃଦ ମଧ୍ୟେ ଘୋଷେ ।୧୧ ।
ମହା ହରଷ ହୋଇ ବୋଲଇ ଯେଝେଷ୍ଠିଙ୍କି
ଚାଲ ସ୍ୱାମୀ : ଦେଖି ଯିବା ଧୃତରାଷ୍ଟ୍ର ତହିଂକି ।୧୨ ।
ସେ ଯେବେ ଆମୃନ୍ତ ହୋଇଲେ ବିଶ୍ୱନାଥ ଦେବତା
ଦେବ ପିତୃ ଛାଡି ଯେବେ ହୋଇଲାଇ  ଧୃତରାଷ୍ଟ୍ରରେ ଭଗତା ।୧୩ ।
ଯୁଝେଷ୍ଠି ଗମିତା କରନ୍ତି ହସ୍ତିନା ଭୁବନକୁ
ଗୋଲକ ପୁତ୍ର, ଗୋଲକ ପୁତ୍ର ବୋଲି ବାଟ କଢାଇ ଯୁଝେଷ୍ଠି ଦେବଙ୍କୁ ।୧୪ ।
ବୋଲନ୍ତି ଯୁଝେଷ୍ଠି ଆରେ କି କି ବୋଲୁ ମନ୍ଦ
ନ ପୁଣ ଭାଇଙ୍କର ତୁଲେ ମୋର ଲଗାଉ କଳି ଦ୍ୱନ୍ଦ ।୧୫ ।
ଆଗେଣ ଯୁଝେଷ୍ଠି ପଛେଣ କିରାଟୀ
ତାହାଙ୍କର ପଛେ ନକୁଳ ସହଦେବ ବେନି ଗୋଟି ।୧୬ ।
ପ୍ରତିଦିନ ଯାଆନ୍ତି ଯେ ଧୃତରାଷ୍ଟ୍ରଙ୍କୁ ଦେଖିବାକୁ
ସବୁରି ପଛେ ଚାଲଇ ଭୀମସେନ କାହାକୁ ହିଂ ସମାଦ ନ ଦେବାକୁ ।୧୭ ।
ସେ ଦିନ ଆଗ ହୋଇ ଭୀମସେନ ଚାଲଇ ବେଗି ବେଗି
ଯୁଝେଷ୍ଠି ଦେବଙ୍କୁ କୋଶ ଦୁଇ ଛାଡି ଚାଲଇ ଗୁରୁ ତ୍ୟାଗୀ ।୧୮ ।
ଲେଉଟି କରି ଚାହଂଇ ସେ ଭୀମସେନ
ଦେଖିଲା ପଛେ ଅଛନ୍ତି ଯୁଝେଷ୍ଠି ରାଜନ ।୧୯ ।
ଭୀମକଇ ଦେଖିଲେ ଯେ ଧର୍ମର କୁମରେ
ବୋଇଲେ ଆଜ ତୁ ତ ଗଲୁ ବେଗ ବେଗରେ ।୨୦ ।

ଭୀମସେନ ବୋଇଲେ ମୁଂ ଆଗ ନୋହିବି
ତୁମ୍ଭେ ଯେବେ କୋପ କର ମୁଂ ପଛେ ପଛେ ଯିବି ।୨୧ ।
ସବୁରି ପଛରେ ଥାଇ ଚାଲଇ ମାରୁତି
ଗୋଲକ ପୁତ୍ର, ଗୋଲକ ପୁତ୍ର ବୋଲଇ ରୋଷମତି ।୨୨ ।
ଧୃତରାଷ୍ଟ ଭୁବନେ ହୋଇଲେ ପରବେଶ
ମନସ୍କାର କଲେ ଯାଇଂ ଅନ୍ଧ ରାଜାର ପାଶ ।୨୩ ।

---------------------------

୧୧ ।୨ ଗୋଲକ ପୁତ୍ର ବୋଲି ନ ଛାଡଇ ହୃଦଗତେ ।
୧୭ ।୨ ସମାଦ-ସମ୍ବାଦ, ନିଜର ମନ କଥା ପ୍ରକାଶ ।

ଆସନରେ ବସ ବୋଲି ବୋଇଲେ ଧୃତରାଷ୍ଟି
ଦ୍ରିଯୋଧନ ପାଶେ ଯାଇ ବିଜୟେ ଯୁଝେଷ୍ଟି ।୨୪ ।
ଧର୍ମସୁତ ବସ ବୋଲି ବୋଇଲେ କୁରୁବୀର
ଅଣକୋପୀ ନାଥ ଯାଇ ବସିଲେ ସଭାର ।୨୫ ।
ଅର୍ଜୁନକୁ ବୋଇଲେ ହୋ ବସ ଇନ୍ଦ୍ର ସୁତ
ଆଗ୍ୟାଂ ପ୍ରମାଣେ ଯାଇଂ ବସିଲା ବୀର ପାଥ ।୨୬ ।
ନକୁଳ ସହଦେବଙ୍କୁ ଯେ ବୋଇଲେ ଆଗ୍ୟାଂ ଅବଧାରୀ
ଅଶ୍ୱିନୀ କୁମାର ସୁତେ ବସ ବୋଲି ବୋଇଲେ ଦଣ୍ଡଧାରୀ ।୨୭ ।
ନକୁଳ ସହଦେବ ବସିଲେ ସଭାୟେ
ପଛେ ପରବେଶ ହେଲା ଯାଇଂ ପବନତନୟେ ।୨୮ ।
ଦ୍ରିଯୋଧନ ବୋଇଲା ପବନ ପୁତ୍ର ବସ
ଆହୋ ଗୋଲକ ପୁତ୍ର ମୁଂ ବସୁଛି ବୋଲି ବୋଇଲା ହରଷ ।୨୯ ।
ଭୂରିସର୍ବା ଭୀଷ୍ମେ ହସିଲେ କରତାଳି ଦେଇ
ୟେହେନେକ ମରମ ଖଣ୍ଡି ତୁ ଭିଆଇଲୁ କାହିଂ ।୩୦ ।
ୟେସନେକ କଥା ଶୁଣିଣ କୁରୁପତି
ବିସରିଲା ଆତ୍ମା ଚାହଂଇ ଚଉକତି ।୩୧ ।
ଅନେକ ବିସରି ଲଜ୍ଜା ପାଇଲା ମାନ ଯେ ଗୋବିନ୍ଦ
ମଥା ପୋତି ମହାବୀର କପାଳେ ଦିଲା କର ଧିନ୍ଦ ।୩୨ ।
ତକ୍ଷଣେ ଆସ୍ତାନୁଂ ଡେଇଂ ପଡିଲା କୁରୁପତି
ଅଭିମାନ ପାଇ ଗଲା ମାନଚକ୍ରବ୍ରତୀ ।୩୩ ।
ଭିତର ଆହୁଟ ଭୁବନେ ପ୍ରବେଶ ହୋଇଲା
କପାଟ ପାଡି ରାଜା ବିସରି ଶୁତିଲା ।୩୪ ।
ମୁଣୋହିର ବେଳେ ଜଣାଇଲେ ସୂପକାରେ
ଲୋଡନ୍ତି ମାନଗୋବିନ୍ଦଙ୍କୁ ଉଭାରି ସର୍ବ ଦ୍ୱାରେ ।୩୫ ।
ସଞ୍ଜୟେ ବିଦୁରେ ଆଦି କରି ସମସ୍ତେ ହେଂ ପରବେଶ
ଭୀଷ୍ମ ଭୂରିସର୍ବାୟେ ମିଳିଲେ ଯାଇ ପାଶ ।୩୬ ।
କବାଟ ଫେଡ ବାବୁ ମାନଚକ୍ରବ୍ରତୀ
କି ନିମନ୍ତେ ବିକୃତ ବଢାଇଲୁ ୟେ ତୋହୋର ମତି ।୩୭ ।

------------------------------

୩୪ ।୧ ଭିତର ଆହୁଟ ଭୁବନ- ଭିତର କୁଟ ଭୁବନ, ଆଟୁ ଭୁବନ, ଗମ୍ଭୀରି ଘର ।

ସୂର୍ଯ୍ୟ ବେଳେ ମୁଣୋହି କରିବା ବାବୁ ଉଠ
କଠୋର ଦେଖିଣ ବିଜେ କଲେ ଧରତରାଷ୍ଟ ।୩୮ ।
ଡାକନ୍ତି ପିତା ବାବୁ ଉଟ ରେ କୁରୁପତି
ତୁ ମାନେ ମାନଗୋବିନ୍ଦ ଉଠ ଚକ୍ରବ୍ରତୀ ।୩୯ ।

କି ନିମନ୍ତେ କପାଟ କିଳି ଶୁତୁଲି ରେ ବାବୁ
ତୁ ସେ ପଞ୍ଚୁ କଟକେ ପାଳନ୍ତା ଅଟୁ ସବୁ ।୪୦।
କର୍ଣ୍ଣ ମହାବୀର ଯେ ଦ୍ୱାରେ ଦେଇ ଡାକ
କେବଣ ନିମନ୍ତେ ମଇତ୍ର ତୁମ୍ଭର ଯେତେ ତାପ ।୪୧।
କାହାକଇଂ ରାଜା ନଦିଲା ସମ୍ଭାଷି
ଆପଣେ ଗାନ୍ଧାରୀ ଯେ ବିଜେ କଲେ ଆସି ।୪୨।
ଗାନ୍ଧାରୀ ଡାକ ଦିଅନ୍ତି ଉଠସି ରେ ବାଳ
ତୁ ସେ ପଞ୍ଚୁ କଟକେ ଅଟୁ ମହୀପାଳ ।୪୩।
ତୁହି ସେ ଭିଗ୍ୟବନ୍ତ ବାଇ ହୋଉ କାହିଂ
ସମସ୍ତେ ମୂର୍ଖ ଯେକା ତୁହି ସେ ବୁଝାଇ ।୪୪।
ବାବୁ ତୋହୋର ଅପଣ୍ଡିତ ପଣେ ପୃଥୀ ହୋଇଲା ଭାସି
ତୋହୋର ବିଚାରକୁ ଯେ ନ ଯୋଗାଇ ତାହା ପକା ନାଶି ।୪୫।
କୁବୁଦ୍ଧି କୁଶଯ୍ୟାୟେ ଲକ୍ଷ୍ମୀ ହୁଅଇ ହାନି
ଅଭୟେ ପୁରୁଷ ତୁ କାହାକଇଂ ଯେତେ ଅଭିମାନୀ ।୪୬।
ଅପଣ୍ଡିତ ଲୋକଙ୍କର ଯେସନେକ ଗତି
ଛତ୍ରିଙ୍କି ଯେମନ୍ତ କଥା ତ ନୋହଇ ଯୁଗତି ।୪୭।
ତୁହି ସେ ସଂସାରେଣ ଅଟୁଂ ଦଣ୍ଡଧାରୀ
ଅନେକ ବୁଝାଇଂ କହଇ ମାତା ଯେ ଗାନ୍ଧାରୀ ।୪୮।
ଦ୍ରିଯୋଧନ ବୋଇଲା ମାତା ଗୋ ତୋତେ କହଇ ବିଶ୍ୱାସ
ଭୀମା ସଭା ମଧ୍ୟେ ମୋତେ କହିଲା ଝିଂଘାସ ।୪୯।
ମନହିଂ ସେ ଜାଣଇ ଗୋ ହୃଦରେ ଯେତେ ପାପ
ମାତାହିଂ ସେ ଜାଣଇଂ ପୁତ୍ରର ଯେତେ ବାପ ।୫୦।

------------------------

୩୯ ।୧ ତୋଳନ୍ତି ପିତା ବାବୁ ଉଠ ରେ କୁରୁପତି । (ପା)

ଗାନ୍ଧାରୀ ବୋଇଲେ ବାବୁ ତୁହି ସେ ମନ୍ଦ କଲୁ
ଆପଣାର ମନ୍ଦପକ୍ଷେ ସମସ୍ତ କାର୍ଯ୍ୟ ନାଶ କଲୁ ।୫୧।
ଯୁଝେଷ୍ଠି ତୋହୋର ଯୁଗତେ ଅଟଇ ଜ୍ୟେଷ୍ଠ ଭ୍ରାଥ
ତାହାକୁ ନିତ୍ୟେ ତୁ ବୋଲୁ ବସ ହୋ ଧର୍ମସୁତ ।୫୨।
ସେ କି ବିଦ୍ୟାମାନେ ନୋହନ୍ତି କି ତୋର ପଞ୍ଚୁ ଭାଇ
ଆପଣାର ଛିଦ୍ର କଥା ଆପଣେ ସେ ଲୁଚାଇ ।୫୩।
ପଣ୍ଡୁ ଧୃତରାଷ୍ଟ ଯେ ନୋହନ୍ତି ନା ଭିନ୍ନ
ତୋତେ ଲାଜ ନୋହଇ କି ଯୁଝେଷ୍ଠିଙ୍କ ଅଭିମାନ ।୫୪।
ସୋହୋଦ୍ରେ ଝିଂଘାସ ଯେ କଲୁ ତୁ ଯୁଗତେ
କାଳେଣ ପାପ ଆସି ଦୂଷାଇଲା ତୋତେ ।୫୫।
ଦ୍ରିଯୋଧନ ବୋଇଲା ମା ଗୋ ମୋହୋର ପିତା ଧୃତରାଷ୍ଟ
ଗାନ୍ଧାରସେନ ଦୁହିତୀ ତୁ ବଂଶେଣ ଗରିଷ୍ଠ ।୫୬।
ପିତା ଧୃତରାଷ୍ଟ ଗାନ୍ଧାରୀ ମୋର ପିତା
ଗୋଲକ ପୁତ୍ର ବୋଲି ଭୀମା ବୋଲଇ ଅମର୍ଜିତା ।୫୭।
ଭୀଷ୍ମ ଭୂରିସର୍ବାୟେ ହସିଲେ ତାହା ଶୁଣି
ଲାଜେ ଅପମାନ ପାଇଲି ଗୋସାମଣୀ ।୫୮।
ଗାନ୍ଧାରୀ ବୋଇଲେ ତୁ ପଣ୍ଡିତ ମୋର ପୁତ୍ର
ପାଣ୍ଡବଙ୍କୁ ଝିଂଘାସ କଲୁନି ଯେ ବହୁତ ।୫୯।
ଆପଣାର ଶରୀରେ ପଡିଛି ଅଂସାଇ
ପରକୁ ହସୁ କି-। ନାସିକାରେ ହସ୍ତ ଦେଇ ।୬୦।

ଦ୍ରିଯୋଧନ ବୋଇଲା ମା ଗୋ ଯେ ଅର୍ଥ କେମନ୍ତେ
ଗୋଲକ ପୁତ୍ର କଥା ମୋତେ କହସି ଗୋ ମାତା ।୬୧ ।
ଗାନ୍ଧାରୀ ବୋଇଲେ ବାବୁ ତୁ ଯେବେ ମୁଣୋହି କର ଉଠ
ମୁଣୋହି ଉତ୍ତାରେ କହଇ ଯେଥିର ଅର୍ଥ ଗୋଟି ।୬୨ ।
ଦ୍ରିଯୋଧନ ବୋଇଲା ଯେମନ୍ତ କଳଙ୍କ ଅଛି ଯେବେ
କାହିଂକି ଗୁପତେ କରୁ କହୁ କିନା ଯେବେ ।୬୩ ।
-----------------------------
୫୬ ।୨ ଅମର୍ଜିତା-ଅମର୍ଯ୍ୟାଦା

ତହିଂର ଅର୍ଥ ଗୋ ଶୁଣିଲେ ମହାମାୟୀ
ତେବେ ସେ ଉଠିଣ ମୁଂ କରିବି ମୁଣୋହି ।୬୪ ।
ଗାନ୍ଧାରୀ ବୋଇଲେ ବାବୁ ଶୁଣ ପୂର୍ବର କଥା
ଗାନ୍ଧାରସେନ ରାଜା ଅଟଇ ଯେ ମୋର ପିତା ।୬୫ ।
ଜ୍ୟେଷ୍ଠ ମାସ ଅମାବଇ କୃତ୍ତିକା ନକ୍ଷତ୍ରେ
ସେ ଦିନ ଉତପତ୍ତି ମୁଂ ହୋଇଲି ଯୁଗତେ ।୬୬ ।
ଜାତି ଉଆଂସୀ ଆବର ବ୍ରହ୍ମ ଅସୁରୀ
କେହି ମୋତେ ପ୍ରଦାନ ନୋହିଲେ ଡରି କରି ।୬୭ ।
ଦୂର ରାଜା ମାନନ୍ତ ବାବୁ ରେ ପିତା ଯେ ବରିଲା
ମୋହୋର ନାମେ ବରିଲେ ବାଇଶି ରାଜା ମଲା ।୬୮ ।
ବ୍ୟାସଙ୍କୁ ହକାରି ଗାନ୍ଧାରସେନ ପୁଛଇ
ବ୍ୟାସେ ବୋଇଲେ ଯେହାକୁ ବିଭା କରିବା ଗୋଲକ ବୃକ୍ଷକଇ ।୬୯ ।
ପିତାଙ୍କର ମଧ୍ୟ ଅଗଣାଯେ ଗୋଲକ ବୃକ୍ଷ ଥିଲା
ବ୍ୟାସଙ୍କୁ ନେଇ ତାହା ଗାନ୍ଧାରସେନ ଦେଖାଇଲା ।୭୦ ।
ଆପଣେ ବ୍ୟାସେ କନ୍ୟାବେଶ କରାଇଲେ ମୁକୁ
ବରବେଶ କରାଇଲେ ସେ ଗୋଲକ ବୃକ୍ଷକୁ ।୭୧ ।
ମୋତେ ପ୍ରଦାନ କରାଇଲେ ପାରେଶ୍ୱରଙ୍କ ସୁତ
ଗୋଲକ ବୃକ୍ଷର ଡାଳେ ବାନ୍ଧିଲେ ମୋହୋର ଡାହାଣ ହସ୍ତ ।୭୨ ।
କୁଶରେ ବନ୍ଧନ କଲେ ସତ୍ୟବତୀର ବାଳ
ଶଙ୍ଖେ ଗାନ୍ଧାରସେନ ଲାଇଂ ଦିଲା ଜଳ ତିଳ ।୭୩ ।
ମୋହୋର କର ତାହାର ତହିଂ ଲାଗିଲା ପ୍ରତ୍ୟକ୍ଷେ
ତତକ୍ଷଣେ ମଲା ସେ ଗୋଲକ ମହାବୃକ୍ଷେ ।୭୪ ।
ତୋହୋର ପିତା ବ୍ରହ୍ମ ଅସୁର ତାହାକୁ କନ୍ୟା କେ ଦିଅନ୍ତା ନାହିଂ
ଶତେ ଅଷ୍ଟଉତ୍ତର କନ୍ୟା ମଲାନି ତାହାର ବରଣ ଚାହିଂ ।୭୫ ।
ବ୍ୟାସେ ଥାଇ ଯେକା ଯେ ଆପଣେ ଭିଆଇଲେ
ଧରତରାଷ୍ଟଙ୍କୁ ଆଣି ମୋତେ ଦିଆଇଲେ ।୭୬ ।
ଯେହେନେକ ବିଶ୍ୱାସ କଥା କେହି ନ ଜାଣନ୍ତି ଆନ
ବ୍ୟାସେ ବାସୁଦେବେହିଂ ଜାଣନ୍ତି ଯେସନେକ ବିଧାନ ।୭୭ ।
ଯାହା ଲୋଡିଲୁ ବାବୁ ତୁ ତାହାହିଂ ପାଇଲୁ
ପରକୁ ଛିଦ୍ର କହି ଆପଣା ଛିଦ୍ର ମରମ କଢାଇଲୁ ।୭୮ ।
ଭୀମା ଯାହା କହିଲା ସେ ଅଟଇ ନିଚୟେ
ଶୁଣିଣ ବିଷାଦ ହୋଇଲା ଗାନ୍ଧାରୀତନୟେ ।୭୯ ।
ଯେତେ ଅର୍ଥ କେମନ୍ତେ ଜାଣିଲାକ ଭୀମା
ନ ଜାଣି ହୁଡିଲି ମୁଂ ନାଶିଲି ଆପଣାର ସୀମା ।୮୦ ।
ନିତି ପ୍ରତି ଭୀମା ଯେ ଦିପଦ ବୋଲୁଥିବ ମୋତେ
ଆବର ସଭାଯେଣ ମୁଂ ବସିବି କେମନ୍ତେ ।୮୧ ।

ଗାନ୍ଧାରସେନ ପାମର କିନା ଯେମନ୍ତ କୃତ୍ୟ କଲା
ବିଧବା କନ୍ୟାକୁ କେମନ୍ତେ ମୋ ପିତାକଇଂ ଦିଲା ।୮୨ ।
ଯେହେନେକ ପାପ କ୍ଷଣେ ଯେବେ ହୋଇଲୁ ତୁ ଜାତ
ପିତା ଘରେ ପଡି କିଂପେ ନ ମଲୁ ଗୋ ମାତା ।୮୩ ।
ଯେତେ ବୋଲି କର୍ମକୁ ଆଦରି ବୀର ଉଠି
ସ୍ନାହାନ ନିତ୍ୟ କର୍ମ ଯେ ସାରିଲା ଧୃତିରାଷ୍ଟି ।୮୪ ।
ମଢଫୁଲିରେ ବିଜେ ରାଜା ମହାବୀର
ସେହିଦିନୁ ଦ୍ରିଯୋଧନ ନ ବସଇ ଆସ୍ତାନର ।୮୫ ।
ଯୁଝେଷ୍ଠି ବୋଇଲେ ଭୀମସେନର ମୁଖ ଚାହିଂ
ଦ୍ରିର୍ଯ୍ୟୋଧନକୁ ଅନୀତି କଥା କହିଲୁ କିସ ପାଇଂ ।୮୬ ।
ଭୀମସେନ ବୋଇଲା ନିତି ଦିନ ଆମୃନ୍ତ କରଇ ଝିଂଘାସ
ଅନେକ ସହିଲୁନି ଆମ୍ଭେ ପ୍ରତି ଯେ ଦିବସ ।୮୭ ।
ପାଞ୍ଚଙ୍କରି ପିତା ନାମ ଧରଇ ସଭାରେ
ଉଫହାସ କରନ୍ତି ନା ଆମୃନ୍ତ ସକଳ କୁରୁବୀରେ ।୮୮ ।
ଯୁଝେଷ୍ଠି ବୋଇଲେ ତାହାର ପିତା ଧୃତରାଷ୍ଟ ମାତା ଯେ ଗାନ୍ଧରୀ
ଗୋଲକ ପୁତ୍ର ତାହାକଇଂ କିଂପା ବୋଇଲୁ ନ ବିଚୀରି ।୮୯ ।
ଭୀମସେନ ବୋଇଲା ଦେବ ହୋଇଅଛିନି ସେହି
ନୋହିଲେ କିଂପା ଚଳନ୍ତା କଳଙ୍କ ଯେବେ ନାହିଂ ।୯୦ ।
-------------------------------

୮୫ ।୧ { ମୁଣୋହିରେ ବିଜେ କଲେ ମହାବୀର
{ ମୁଣୋହିରେ ବିଜେ କଲେ ମାନଗୋବିନ୍ଦ ବୀର ।

ଶୁଣିଣ ତବଦ ଯେ ଧର୍ମର ନନ୍ଦନ
ମନେ ମନେ ତୋଷ ହୋଇଲେ ଭୀମସେନ ।୯୧ ।
ପ୍ରବେଶ ଯୁଝେଷ୍ଠି ହୋଇଲେ ଇନ୍ଦ୍ର ପ୍ରଶସ୍ତ ପୁରେ
ନିତ୍ୟ କର୍ମେଣ ସେବନ୍ତି ସେ ଧୃତରାଷ୍ଟର ପୟରେ ।୯୨-୫୬୦୦ ।

************